

ପିତାମାତା ସାନ ହୋଇଛନ୍ତି ବୋଲି ଯେ ସନ୍ତାନଟି ବଡ଼ ହେବ ନାହିଁ, ଏଭଳି ଭାବିବାରେ କୌଣସି କାରଣ ନାହିଁ।
-ହୋରେସ୍



## ସଂକ୍ଷେପରେ

### ଟ୍ରାକ୍ଟର ଓଲଟି ଡ୍ରାଇଭର ମୃତ୍ୟୁ



ବୈପାରୀଗୁଡା,୫।୮ (ଡି.ଏନ୍.ଏ): ସୋମବାର ବୈପାରୀଗୁଡା ଥାନା ଅଧୀନ ରତାଖଣ୍ଡି ଗ୍ରାମରେ ଜମିରେ ହଳ କରୁଥିବା ବେଳେ ଏକ ଟ୍ରାକ୍ଟର ଓଲଟି ପଡିବାରୁ ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି । ସେ ହେଲେ ରାମଗିରି ଗ୍ରାମର ଧନିରାମ ରାଉତ । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

### ଗୁପ୍ତେଶ୍ୱର ପୀଠରେ ଗଛ ପଡ଼ି ୨ ଗୁରୁତର

ବୈପାରୀଗୁଡା,୫।୮ (ଡି.ଏନ୍.ଏ): ସୋମବାର ଗୁପ୍ତେଶ୍ୱର ପୀଠରେ ବୋଲବୋମ ଭକ୍ତଙ୍କ ଭିଡ ଲାଗିଥିବା ବେଳେ ସେଠାରେ ଏକ ଗଛ ପଡି ୨ ଗୁରୁତର ହୋଇଛନ୍ତି । ନିକଟସ୍ଥ ଅଛାଲଗୁଡା ଗ୍ରାମର ଜଣେ ଯୁବକ ଗଛ ତଳେ ଚା ଦୋକାନ କରିଥିବା ବେଳେ ଗଛଟି ତାଙ୍କ ଉପରେ ପଡିଯାଇଥିଲା । ପାଖରେ ଥିବା ଉକ୍ତ ଗ୍ରାମର ଅନ୍ୟ ଜଣେ ଯୁବକଙ୍କ ହାତ ଭାଙ୍ଗି ଯାଇଛି । ଉଭୟଙ୍କୁ ରାମଗିରି ଅଞ୍ଚଳର କିଛି ଲୋକେ ଉଦ୍ଧାର କରି ଜୟପୁର ମେଡିକାଲରେ ଭର୍ତ୍ତି କରିଥିଲେ । ସେମାନଙ୍କ ପରିଚୟ ଜଣାପଡିନାହିଁ ।

### ଉର୍ଲୁଗୋଇ ପାହାଡ଼ରେ ଚାରାରୋପଣ

ପଟ୍ଟାଙ୍ଗି,୫।୮(ଡି.ଏନ.ଏ):କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ଦେଓପଟ୍ଟାଙ୍ଗି ପଞ୍ଚାୟତ ଅଧୀନ ଡାବାଗୁଣ୍ଡା ଗ୍ରାମ ନିକଟସ୍ଥ ଉର୍ଲୁଗୋଇ ପାହାଡରେ ସୋମବାର ବୃକ୍ଷରୋପଣ କରାଯାଇଛି । ଏଥିରେ ବ୍ଲକର ଗଣମାଧ୍ୟମ ପ୍ରତିନିଧି ଓ ଏଫଇଏସ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ଅଁଳା, ହରିଡା, ବାହାଡା, ତେନ୍ତୁଳି, କଳାଭାଲିଆ, ବାଉଁଶ, ପିପଳି, ନିମ୍ବ, କରଞ୍ଜ, କୋଇଲାରି ଭଳି ବିଭିନ୍ନ କିସମ ର ୩ ହଜାର ଚାରାରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗଣମାଧ୍ୟମ ପ୍ରତିନିଧି ଶରତ କୁମାର ଧଳ , ଶ୍ରୀକାନ୍ତ ଚୌଧୁରୀ ଓ ପୁକାଲି ପଞ୍ଚାୟତର ମାଳିଗୁଡା ଗ୍ରାମର ମେଘା ଗୁଣ୍ଡା ପ୍ରମୁଖ ଅତିଥି ରୂପେ ଯୋଗ ଦେଇ ଗଛ ଆମର ଜୀବନ । ଗଛ ବଞ୍ଚିଲେ ଆମେ ସୁରକ୍ଷିତ ରହିବା । ତେଣୁ ନିଜ ଘରର ଜଣେ ସଦସ୍ୟ ଭାବେ ଗଛକୁ ଦେଖାସୁଣା କରି ତାର ଯତ୍ନ ନେବାକୁ ଆହ୍ୱାନ କରିଥିଲେ । ଉକ୍ତ ଅନୁଷ୍ଠାନ ପକ୍ଷରୁ ଉର୍ଲୁଗୋଇ ପାହାଡର ୧୮ ହେକ୍ଟର ସ୍ଥାନରେ ୧୦ ହଜାର ଚାରା ରୋପଣ ନିମନ୍ତେ ଲକ୍ଷ୍ୟ ରଖାଯାଇଛି । ଗ୍ରାମର ସମସ୍ତ ମହିଳା, ପୁରୁଷ ଓ କିଛି ସ୍କୁଲ ଛାତ୍ରମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଚାରାରୋପଣ କରିଥିଲେ । ଏଥିରେ ଏଫଇଏସ ତରଫରୁ କେ. ମୁରଲୀ କ୍ରିଷ୍ଣା ଯୋଗ ଦେଇ ଚାରା ରୋପଣର ପଦ୍ଧତି ସମ୍ପର୍କରେ ବୁଝାଇଥିଲେ । ଆଗାମି ଦିନରେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ସହିତ ବୃକ୍ଷରୋପଣ ହୋଇଥିବା ଅଞ୍ଚଳକୁ ଗୋ ଚାରଣ ଯେପରି ନ ହୁଏ ସେଥିପ୍ରତି ନଜର ରଖିବାକୁ ପ୍ରକାଶ କରିଥିଲେ । ଏଥିରେ ଉକ୍ତ ଅନୁଷ୍ଠାନର ଗୋଷ୍ଠୀ ସାଧନ ବ୍ୟକ୍ତି, ଅମି ଖରା, ତ୍ରିନାଥ ଖିଲ ଓ ଦୈତାରି ଖିଲ ଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ ।

### କାର୍ ଦୁର୍ଘଟଣା: ୬ ଗୁରୁତର

ଜି.ଉଦୟଗିରି,୫।୮(ଡି.ଏନ.ଏ.) ଜି.ଉଦୟଗିରି ଥାନାଞ୍ଚଳ କଳିଙ୍ଗାରୁ ୨ କିମି ଦୂର ଗଦିଙ୍ଗିଆ ଛକଠାରେ ସୋମବାର ଅପରାହ୍ନ ୩ଟାରେ ଏକ କାର ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ପଡ଼ିବାରୁ ଚଳାକ ସମେତ ୬ଜଣ ଗୁରୁତର ହୋଇଛନ୍ତି । ସେମାନେ ହେଲେ ସୋନୁ ପଣ୍ଡା, ବିକ୍ରମ ପଣ୍ଡା, ମୁରଲୀଧର ବେହେରା, ତନ୍ମୟା ବେହେରା, ପ୍ରମୋଦ ବେହେରା ଓ ସାବିତ୍ରୀ ବେହେରା । ସମସ୍ତେ ପୁରୁଷୋତ୍ତମପୁରରୁ କାର ଯୋଗେ ଚକାପାଦ ବିରୁପାକ୍ଷ ମନ୍ଦିର ଦର୍ଶନ କରି ଫେରୁଥିବା ବେଳେ ଗଦିଙ୍ଗିଆ ଛକରେ କାର ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ।

■ କୋଡିଙ୍ଗାମାଳି ପେରିଫେରୀ ଅଞ୍ଚଳର ସାମଗ୍ରିକ ବିକାଶ

# ପ୍ରଶାସନର ଦ୍ୱାରସ୍ଥ ହେଲେ ୨୨ ଖଣ୍ଡ ଗ୍ରାମବାସୀ

କୋରାପୁଟ,୫।୮(ସ୍ୱ.ପ୍ର)

କୋଡିଙ୍ଗାମାଳି ପେରିଫେରୀ ଅଞ୍ଚଳର ସାମଗ୍ରିକ ବିକାଶ ନେଇ ୨୨ ଖଣ୍ଡ ଗ୍ରାମବାସୀ ସୋମବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ୮ ଦଫା ଦାବି ସଂପର୍କୀତ ଏକ ଦାବିପତ୍ର ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନଙ୍କୁ ପ୍ରଦାନ କରିଛନ୍ତି ।

କୋରାପୁଟ ଜିଲାର ଲକ୍ଷ୍ମୀପୁରଠାରେ ଥିବା କୋଡିଙ୍ଗାମାଳି ଖଣିର ପେରିଫେରୀ ଅଞ୍ଚଳରେ ରହୁଥିବା ଦଶମନ୍ତପୁର, ଲକ୍ଷ୍ମୀପୁର ଏବଂ ରାୟଗଡା ଜିଲାର କାଶୀପୁର ଆଦି ୩ଟି ବ୍ଲକର କୋଡିଙ୍ଗା ,ବଙ୍କାମ୍ବ, ମାଙ୍କଡଡୋରି ଆମ୍ବ କଡାପଦର, ଶକ୍ତିପୁଟ, କଂସାରୀଗୁଡା, ପୋଡାପାଡି, ବିରିଗୁଡା, କାଇପଦର, ନାରଶିଖପଦର, ମାରବାଇଗୁଡା, ନିଶାର, ଡୋଳିଆମ୍ବ, ତୟାପୁଟ, ଲକ୍ଷ୍ମୀପୁର, ଟିମା ଝୋଲା, ଚମ୍ପି,ରାଉଳିପଦର, ଝୋଲଶଗୁଡା, ଦିଆସିଲ, ଫଟା କାକୁଡି, ଟିଂଟି ଝୋଲା, ପଣସପୁଟ, ମାଳିଚେମା, ଟେରାଗୁଡା କାଣ୍ଡୁପୁଟ, ବିରିଗୁଡା, ମୁର୍କାର କୁନ୍ତେଷ, ନରସିଂଗଗୁଡା ଆଦି ୨୨ ଖଣ୍ଡ ଗ୍ରାମବାସୀ ଜିଲାପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ଓଏମସି ପକ୍ଷରୁ କଂସାରୀଗୁଡା ନଚେତ ସିଙ୍ଗାରାମଠାରେ କମ୍ପାନୀ କରିବା , କୋଡିଙ୍ଗାମାଳି ଖଣିର ପେରିଫେରି ପାଣ୍ଠି ଦ୍ୱାରା ପ୍ରଭାବିତ ଅଞ୍ଚଳରେ ଗମନାଗମନ ନିମନ୍ତେ ରାସ୍ତା, ଶିକ୍ଷା ଅନୁଷ୍ଠାନ ନିର୍ମାଣ କରିବା, ସ୍ୱାସ୍ଥ୍ୟାବସ୍ଥା ସହିତ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରିବା, ଖଣି ପରିବହନ କାର୍ଯ୍ୟରେ ସ୍ଥାନୀୟ ଟିପରକୁ ସୁଯୋଗ ଦେବା, ଖଣିକୁ ବିରୋଧ କରିବାରୁ ୬୦ ଜଣଙ୍କ ନାମରେ କରାଯାଇଥିବା ମିଥ୍ୟାକେଶ ହଟାଇବା, ପ୍ରଭାବିତ ଅଞ୍ଚଳରେ ପଲ୍ଲୀସଭା କରିବା, ଜିଲାପାଳ ପୋମା ଟୁଡୁଙ୍କ ବଦଳି ଆଦେଶକୁ ରଦ୍ଦ କରି ପୁନଃ କୋରାପୁଟ ଜିଲାପାଳ ଭାବେ ରଖିବା ଆଦି ଦାବି କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ପ୍ରଭାବିତ ଗ୍ରାମର ପ୍ରଦୀପ କୁମାର ବାଘ, ବାବୁଲା ମହାରଣା, ବଂଶୀଧର ହାଲୱା, ସୁଦର୍ଶନ ବିଡିକା, କବିସୂର୍ଯ୍ୟ ଖୋସଲା, ବିଜୟ କନ୍ଦପାନ, ବସନ୍ତ ଖରା, ମୋହନ କନ୍ଦପାନ ପ୍ରମୁଖ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ । ଏହି ଅବସରରେ ସହକାରୀ ଜିଲାପାଳ ଆଲୋକ କୁମାର ଅନୁଗୁଳିଆ, ଟାଉନ ଥାନା ଅଧିକାରୀ ବାସୁଦେବ ଛତ୍ରୀଆଙ୍କ ସମେତ ବହୁ ପୋଲିସ ଉପସ୍ଥିତ ଥିଲେ ।



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଗ୍ରାମବାସୀ ।

# ୬ ଗାଁକୁ ନିର୍ମାଣ ହେବ ରାସ୍ତା

ଦଶମନ୍ତପୁର, ୫।୮(ଡି.ଏନ.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ବ୍ଲକ । ବଣ, ପାହାଡ, ପର୍ବତଘେରରେ ରହିଥିବା ବ୍ଲକର ଅନେକଗୁଡିଏ ଦୁର୍ଗମ ଅଞ୍ଚଳକୁ ଭଲ ରାସ୍ତାଟିଏ ନାହିଁ । ଅଞ୍ଚଳବାସୀ ବାରମ୍ବାର ରାସ୍ତା ପାଇଁ ଗୁହାରି କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁ ନାହିଁ । ବର୍ତ୍ତମାନ ଲୋକଙ୍କ ଗୁହାରିକୁ ଜିଲା ପ୍ରଶାସନ ଗୁରୁତ୍ୱ ଦେଇ ୬ଟି ଗାଁକୁ ଯୋଗଯୋଗ ନେଇ ରାସ୍ତା ନିର୍ମାଣ କରିବାକୁ ପଦକ୍ଷେପ ନେଇଛି । ବ୍ଲକ ଉପାଧକ୍ଷ ନାରାୟଣ ବିଶୋଇଙ୍କ ନେତୃତ୍ୱରେ ରାସ୍ତା ଚିହ୍ନଟ ପ୍ରକ୍ରିୟା କାର୍ଯ୍ୟ କରାଯାଇଛି । ୨ଟି ପଞ୍ଚାୟତର ପ୍ରାୟ ୬ଟି ଗାଁକୁ ସଂଯୋଗ ହେବା ନେଇ ଡୁମ୍ବାଗୁଡା ପଞ୍ଚାୟତର ହାତୀମୁଣ୍ଡା ଗ୍ରାମଠାରୁ ଗିର୍ଲିଗୁମ୍ମା ପଞ୍ଚାୟତର ଉଣ୍ଡିସିଲ, ଫୁଣ୍ଡାଗୁଡା, ଡେଙ୍ଗାଗୁଡା, ଡକ୍ରିବେଡା ଏବଂ ତଳରତାବନ୍ଧ ଗାଁକୁ ରାସ୍ତା ସଂଯୋଗ କରାଯିବା ନେଇ ସ୍ଥାନ ଚିହ୍ନଟ କରାଯାଇଛି । ଏହି ଚିହ୍ନଟ ପ୍ରକ୍ରିୟାରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡମ୍ବରୁଧର ମଲ୍ଲିକ, କନିଷ୍ଠଯନ୍ତ୍ରୀ ପ୍ରୀତମ ଶିଆଳ, ବରିଷ୍ଠ ନେତା ବେଣୁଧର ପାତ୍ର, ଅନନ୍ତ ଖରାଙ୍କ ସମେତ ସ୍ଥାନୀୟ ସରପଞ୍ଚ, ଆରଆଇ, ଗ୍ରାମବାସୀ ଉପସ୍ଥିତ ଥିଲେ । ଏହି ୬ଟି ଗାଁକୁ ସଂଯୋଗ କରିବାକୁ ହେଲେ ମୁଖ୍ୟରାସ୍ତାଠାରୁ ପ୍ରାୟ ୪କିମି ଦୂରତା ଯାଏଁ ନୂତନ ଭାବେ ରାସ୍ତା ନିର୍ମାଣ କରାଯିବ ବୋଲି ଆକଳନ କରାଯାଇଛି । ଉକ୍ତ ରାସ୍ତାରେ ହାତିମୁଣ୍ଡା ଗ୍ରାମର ହେମ ବିଶୋଇଙ୍କ ଏକ ଜାଗା ରହିଛି । ସେ ନିଜ ଜମି ଦେବା ପାଇଁ ମନା କରିଥିବାରୁ ତାଙ୍କୁ ସରକାରୀ ପତିତୋ ଜମିର ମୋଟ ୩୫ ଡ଼ିସିମିଲ ମଶାଣି ପାଖ ଜମିକୁ ବିଲ କରି ଦିଆଯାଉ ବୋଲି ଆରଆଇଙ୍କୁ ବ୍ଲକ ଉପାଧକ୍ଷ ବିଶୋଇ ନିର୍ଦ୍ଦେଶ ଦେଇଥିଲେ । ପରେ ହେମ ବିଶୋଇ ଜମି ଦେବା ପାଇଁ ରାଜି ହୋଇଥିଲେ । ହାତିମୁଣ୍ଡାଠାରୁ ଉଣ୍ଡସିଲ ରାସ୍ତା ପ୍ରଥମେ ଏନଆରଇଜିଏସ ପକ୍ଷରୁ ଆରମ୍ଭ କରାଯିବ ବୋଲି ବିଶୋଇ ସୂଚନା ଦେଇଛନ୍ତି । ତେବେ ଦୀର୍ଘବର୍ଷ ପରେ ପ୍ରଥମ କରି ଏହି ୬ଟି ଦୁର୍ଗମ ଅଞ୍ଚଳକୁ ଯୋଗାଯୋଗର ଏଭଳି ପଦକ୍ଷେପକୁ ସାଧାରଣରେ ସ୍ୱାଗତ କରିଛନ୍ତି । ଉକ୍ତ ରାସ୍ତା ନିର୍ମାଣ ନେଇ ସମ୍ପୂର୍ଣ୍ଣ ସହଯୋଗ କରିବୁ ବୋଲି ୬ଖଣ୍ଡ ଗ୍ରାମର ଲୋକେ ପ୍ରକାଶ କରିଛନ୍ତି ।



ଅଧିକାରୀମାନେ ଜମି ଚିହ୍ନଟ କରୁଛନ୍ତି ।

■ ବିଶ୍ୱ କୃମିନାଶକ ଦିବସ ପାଳନ ନେଇ ପ୍ରଶାସନ ତତ୍ପର

# ଜିଲାରେ ୫ ଲକ୍ଷ ପିଲା ଖାଇବେ ବଟିକା

ଜୟପୁର, ୫।୮(ନି.ପ୍ର)

ଆସନ୍ତା ୮ ତାରିଖରେ ବିଶ୍ୱ କୃମି ନାଶକ ଦିବସ ପାଳନ ହେଉଥିବାରୁ ଜିଲା ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ପ୍ରକାଶ କରିଛି । ଜିଲାର ୧୪ଟି ବ୍ଲକ , ଗୋଟିଏ ପୌରାଞ୍ଚଳ ଓ ୩ଟି ଏନଏସିରେ ଏହି କୃମି ଔଷଧ ବଣ୍ଟନ କରାଯିବା ନେଇ ପ୍ରସ୍ତୁତି ଜୋର ସୋରରେ ଚାଲିଛି । ଜିଲାରେ ୨୮୯୯ଟି ସରକାରୀ ଓ ବେସରକାରୀ ସ୍କୁଲରେ ଏହି ଔଷଧ ବଣ୍ଟନ କରାଯିବ । ୧ବର୍ଷ ରୁ ୧୯ ବର୍ଷ ଭିତରେ ଥିବା ସମସ୍ତଙ୍କୁ ଏହା ଦିଆଯିବ । ଜିଲାର ୩୨୬୪ ଅଙ୍ଗନୱାଡ଼ି କେନ୍ଦ୍ରରେ ମଧ୍ୟ ଏହି ଔଷଧ ବଣ୍ଟନ କରାଯିବ । ସ୍କୁଲ ଛାତ୍ରୀଛାତ୍ର ଓ ଅଙ୍ଗନୱାଡ଼ିକୁ ମିଶାଇ ୫ ଲକ୍ଷ ୧୧ ହଜାର ୬୯୬ ଜଣ ଛାତ୍ରୀଛାତ୍ରଙ୍କୁ କୃର୍ମି ଔଷଧ ଦେବା ନେଇ ଲକ୍ଷ୍ୟ ରଖାଯାଇଛି । ଏନେଇ ସୋମବାର ୧୪ଟି ବ୍ଲକ, ଏନଏସି ଓ ପୌରାଞ୍ଚଳରେ ସ୍କୁଲର ଅଧକାରୀଙ୍କୁ ଛାତ୍ରୀଛାତ୍ର ଅନୁପାତ ଅନୁଯାଇ ଔଷଧ ଦିଆଯାଇଛି । ଆସନ୍ତା ୮ ତାରିଖରେ ସମସ୍ତ ସ୍କୁଲରେ ବଣ୍ଟନ କରାଯିବ । ଉକ୍ତ ଦିନ ଯେଉଁ ଛାତ୍ରୀଛାତ୍ର ଏହା ଖାଇ ନ ଥିବେ ସେମାନଙ୍କୁ ୧୬ ତାରିଖରେ ଦିଆଯିବ । ସେହିପରି ଜୟପୁର ପୌରପାଳିକା ଅଧୀନରେ ଆସୁଥିବା ସମସ୍ତ ସରକାରୀ ଏବଂ ବେସରକାରୀ ଶିକ୍ଷାନୁଷ୍ଠାନରେ ଏହି ଦିବସ ପାଳନ କରାଯିବ । ଏହି ପରିପେକ୍ଷୀରେ ପୌରାଞ୍ଚଳର ୮ଟି ସେକ୍ଟରରେ ଥିବା ୪୩ ଅଙ୍ଗନୱାଡିର ୩ ହଜାର ପିଲା, ୪୬ଟି ସରକାରୀ ବିଦ୍ୟାଳୟ, ୩୫ଟି ବେସରକାରୀ ବିଦ୍ୟାଳୟ ଏବଂ ୨ଟି ସରକାରୀ ମହାବିଦ୍ୟାଳୟକୁ ମିଶାଇ ମୋଟ ୨୦ ହଜାର ଛାତ୍ରଛାତ୍ରୀଙ୍କୁ ଏହି ଔଷଧ ବଣ୍ଟନ କରାଯିବ । ସୋମବାର ପୁରୁଣା ଡାକ୍ତରଖାନା ପରିସରରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଆସି ଏନେଇ ଔଷଧ ଗ୍ରହଣ କରିଛନ୍ତି । ଏହି ଅବସରରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ହରିହର ପତି, ଆରଆର ଚିନାରା, ନାଗେଶ୍ୱରୀ ନାୟକ, ଅଭିଲିପ୍ସା ମିଶ୍ର, ମନୋରମା ଦାଶ,ନାୟୋମି ଦାଶାରି, ଲିଜାରାଣୀ ବିଶ୍ୱାଳ ପ୍ରମୁଖ ଏହି ଔଷଧ ବଣ୍ଟନ କରିଥିଲେ ।



ଜୟପୁର ଚିକିତ୍ସାଳୟରେ ଔଷଧ ବଣ୍ଟନ କରାଯାଉଛି ।

### ନାବାଳିକାକୁ ଦୁର୍ବ୍ୟବହାର କରିବା ଘଟଣା: ଶିକ୍ଷକ ଫେରାର

କୋରାପୁଟ,୫।୮(ସ୍ୱ.ପ୍ର)

କୋରାପୁଟ ସଦର ଥାନା ଅନ୍ତର୍ଗତ ତେନ୍ତୁଳିଗୁଡା ବିଦ୍ୟାଳୟର ୮ମ ଶ୍ରେଣୀର ଛାତ୍ରୀଙ୍କୁ ଦୁର୍ବ୍ୟବହାର କରିବା ଘଟଣାରେ ସମ୍ପୃକ୍ତ ଶିକ୍ଷକ ଫେରାର ଅଛନ୍ତି । ସୋମବାର ନାବାଳିକାଙ୍କର କୋରାପୁଟ ମେଡିକାଲରେ ଡାକ୍ତରୀ ମାଇନା କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି । ମଙ୍ଗଳବାର ଜୟପୁରସ୍ଥିତ ପୋକସୋ କୋର୍ଟରେ ସିଆରପିସି ୧୬୪ ଧାରାରେ ମାଜିଷ୍ଟ୍ରେଟ ନାବାଳିକାଙ୍କ ବୟାନ ରେକର୍ଡ କରିବେ ବୋଲି କୋରାପୁଟ ସଦର ଥାନା ପକ୍ଷରୁ ଜଣାଯାଇଛି । ପ୍ରକାଶ ଥାଉକି, କୋରାପୁଟ ସଦର ଥାନା ଅନ୍ତର୍ଗତ ପୋଡାଗଡ ପଞ୍ଚାୟତର କଣ୍ଟବେଡା ଅଞ୍ଚଳର ୮ ଶ୍ରେଣୀର ଛାତ୍ରୀଙ୍କୁ ଶନିବାର ଶିକ୍ଷକ କେଶବ ପଟ୍ଟନାୟକ ଏକ ଶ୍ରେଣୀଗୃହକୁ ଡାକି ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ । ଏନେଇ ଛାତ୍ରୀଙ୍କ ପରିବାର ପକ୍ଷରୁ ରବିବାର ସଦର ଥାନାରେ ଏତଲା ଦିଆଯାଇଥିଲା । ଏତଲାକୁ ଭିତ୍ତିକରି ପୋଲିସ ଏକ ମାମଲା(୭୫/୨୦୧୯) ରୁଜୁ କରି ତଦନ୍ତ ଚଳାଇଛି । ସମ୍ପୃକ୍ତ ଶିକ୍ଷକଙ୍କୁ ଗିରଫ କରିବା ଲାଗି ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି ।

### ଖଣି ସପକ୍ଷ ଶୋଭାଯାତ୍ରାରେ ନ ଥିଲି: କୃଷ୍ଣ ସଗରିଆ

କୋରାପୁଟ,୫।୮(ଡି.ଏନ.ଏ.):

ଲକ୍ଷ୍ମୀପୁରଠାରେ ଗତ ୨ ତାରିଖରେ କୋଡିଙ୍ଗାମାଳି ଖଣି ଖନନ ସପକ୍ଷରେ ଯେଉଁ ଶୋଭାଯାତ୍ରା ହୋଇଥିଲା, ସେଥିରେ ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ ସାମିଲ ନ ଥିବା କହିଛନ୍ତି । ଉଲ୍ଲେଖଯୋଗ୍ୟ, ୨ ତାରିଖ ଖଣି ସପକ୍ଷବାଦୀଙ୍କ ଶୋଭାଯାତ୍ରାରେ ଉପସ୍ଥିତ ଥିବା ନେତାଙ୍କ ଭିତରେ ସଗରିଆ ମଧ ରହିଥିବା 'ଧରିତ୍ରୀ' ଖବରରେ ପ୍ରକାଶ ପାଇଥିଲା । 'ଧରିତ୍ରୀ'ର ସ୍ଥାନୀୟ ପ୍ରତିନିଧି ସ୍ୱଚକ୍ଷୁରେ ତାଙ୍କୁ ଦେଖିଥିବା ଓ ତାଙ୍କ ପାଖରେ ସଗରିଆଙ୍କ ଉପସ୍ଥିତିରେ ଫଟୋ ଓ ଭିଡିଓ ଥିବାରୁ ସେହି ଆଧାରରେ ଖବର ଲେଖାଯାଇଥିଲା । ପ୍ରକାଶିତ ଖବରରେ ତାଙ୍କୁ ଦୁଃଖ ଦେବାର କୌଣସି ଉଦ୍ଦେଶ୍ୟ ନ ଥିଲା । କିନ୍ତୁ କୃଷ୍ଣ ସଗରିଆ ଏହାର ପ୍ରତିବାଦ ଜଣାଇବା ସହ ସେ ଶୋଭାଯାତ୍ରାରେ ଉପସ୍ଥିତ ନ ଥିବା କହିଛନ୍ତି ।



କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ଆନ୍ଧ୍ର ସୀମାନ୍ତ କୋଟିଆ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ନିର୍ମାଣ କରାଯାଇଥିବା ସାପ୍ତାହିକ ହାଟ ପିଣ୍ଡିର ଟିଣ ଛପର ବର୍ଷା ପବନରେ ଉଡ଼ିଯାଇଛି ।

### ବ୍ୟାୟାମ ସାମଗ୍ରୀ ପ୍ରଦାନ

ଜୟପୁର, ୫।୮(ଡି.ଏନ.ଏ )

କୋରାପୁଟ ଜିଲା ଜୟପୁର ବ୍ଲକର ବାରିଣିପୁଟ ଗ୍ରାମପଞ୍ଚାୟତ ସଦରସ୍ଥିତ ୱାକର ଯୁବ କ୍ଲବକୁ ଏମପି ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ବ୍ୟାୟାମ ନିମନ୍ତେ ବିଭିନ୍ନ ସାମଗ୍ରୀ ପ୍ରଦାନ କରାଯାଇଛି । ବାରିଣିପୁଟ ପଞ୍ଚାୟତର ତ୍ରିଶୂଳ କ୍ଲବ, ହେଲପିଂ କ୍ଲବ ଏବଂ ୱାକର କ୍ଲବକୁ ପୂର୍ବତନ ଏମ.ପି ଝିନ୍ନ ହିକକା ତାଙ୍କର ଉନ୍ନୟନ ପାଣ୍ଠିରୁ ୫ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ୱାର୍କର କ୍ଲବକୁ ପ୍ରଦାନ କରାଯାଇଛି । ଏଥିନେଇ ବ୍ଲକ କାର୍ଯ୍ୟାଳୟର ଉକ୍ତ ସଂଘର କର୍ମକର୍ତ୍ତାମାନେ ବିଡିଓ ସୁରଜ ପଟ୍ଟନାୟକଙ୍କଠାରୁ ଗ୍ରହଣ କରିଛନ୍ତି ।

## ଗୁପ୍ତେଶ୍ୱର ପୀଠରେ ୫୦ ହଜାରରୁ ଊର୍ଦ୍ଧ୍ୱ କାଉଡିଆଙ୍କ ଭିଡ଼

ବୈପାରୀଗୁଡା,୫।୮(ଡି.ଏନ୍.ଏ)

ଶ୍ରାବଣ ମାସ ତୃତୀୟ ସୋମବାର ପ୍ରସିଦ୍ଧ ଗୁପ୍ତେଶ୍ୱର ପୀଠରେ ୫୦ ହଜାରରୁ ଊର୍ଦ୍ଧ୍ୱ କାଉଡିଆଙ୍କ ଭିଡ ଜମିଛି । ଗତ ଶୁକ୍ରବାରଠାରୁ ପୀଠରେ କାଉଡିଆଙ୍କ ଲମ୍ବାଧାଡି ଲାଗିଥିଲା । ରାଜ୍ୟ ତଥା ରାଜ୍ୟ ବାହାରୁ ବହୁତ ସଂଖ୍ୟକ କାଉଡିଆଙ୍କ ସମାଗମ ହୋଇଥିଲା । ଏତେ ସଂଖ୍ୟକ ଲୋକଙ୍କ ଭିଡ଼ ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା । କୋକଡି ଘାଟିଠାରୁ ମନ୍ଦିର ପର୍ଯ୍ୟନ୍ତ ପ୍ରାୟ ୨ କିମି ରାସ୍ତାରେ ଯାନବାହାନ ରଖାଯିବାରୁ ଟ୍ରାଫିକ୍ ସମସ୍ୟା ଉପୁଜିଥିଲା । ଏପରିକି ରବିବାର ଗୁପ୍ତେଶ୍ୱର ଦର୍ଶନ କରିବାକୁ ଆସିଥିବା ରାୟଗଡା ଜିଲାପାଳଙ୍କୁ ଗାଡି ରଖି ମନ୍ଦିର ପର୍ଯ୍ୟନ୍ତ ୨ କିମି ଘାଟି ରାସ୍ତା ଚାଲିବାକୁ ପଡିଥିଲା । ଜଳାଭିଷେକ ଲାଗି ଟିକେଟର ମୂଲ୍ୟ ୫ ଟଙ୍କା ରଖାଯାଇଥିଲା । ରବିବାର ରାତିରେ ଲୋକଙ୍କ ଭିଡକୁ ଦେଖି ଜରୁରୀକାଳିନ ଦର୍ଶନ ପାଇଁ ଏହାକୁ ୧୯୦ ଟଙ୍କାକୁ ବୃଦ୍ଧି କରାଯାଇଥିଲା । ଅନେକ ମନ୍ଦିର ବାହାରେ ନଡିଆ ଭାଙ୍ଗି ଜଳାଭିଷେକ କରିଥିଲେ । ସେହିପରି ଗୁପ୍ତଶ୍ୱର ପୀଠରେ ପଲିଥିନ୍ ବ୍ୟବରାହକୁ ନିଷେଧ କରିବାକୁ ପରିବେଶବିତ୍ ମାନେ ଦାବି କରୁଥିବା ବେଳେ ପଲିଥିନ୍‌ର ବ୍ୟାପକ ଅବର୍ଜନା ଦେଖିବାକୁ ମିଳିଥିଲା ।

■ ନିଖୋଜ ପୁଅର ମିଳିନି ସନ୍ଧାନ

## ପ୍ରଶାସନର ଦ୍ୱାରସ୍ଥ ହେଲେ ମା'ବାପା

କୋରାପୁଟ, ୫।୮(ସ୍ୱ.ପ୍ର)

୪୫ ଦିନ ହେଲା ଭୁବନେଶ୍ୱରରେ ନିଖୋଜ ଥିବା ମାନସିକ ବିକୃତ ପୁଅକୁ ଖୋଜି ଆଣିବା ନେଇ ସୋମବାର ବୃଦ୍ଧା ମାଆବାପା କୋରାପୁଟ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ଜିଲାସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନଙ୍କୁ ନିଖୋଜ ପୁଅ ଚୈତନ୍ୟଙ୍କୁ ଖୋଜି ଆଣିବାକୁ ନିବେଦନ କରିଛନ୍ତି । ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଏକ ଦଳ ତୁରନ୍ତ ଭୁବେନେଶ୍ୱର ଯିବେ ବୋଲି ଅତିରିକ୍ତ ଜିଲାପାଳ ଆଶ୍ୱାସନା ଦେଇଛନ୍ତି । ଅପରପକ୍ଷେ ପୁଅକୁ ଖୋଜିବାକୁ ଜିଲାପ୍ରଶାସନର ଶିଥିଳତା ନେଇ ଚୈତନ୍ୟଙ୍କ ପରିବାର ଲୋକେ ଓ ଗ୍ରାମବାସୀ ବ୍ଲକ ସମାଜ ସୁରକ୍ଷା ଅଧିକାରୀ ଦିଲୀପ କୁମାର ହିଆଲଙ୍କୁ ଘେରାଉ କରିଥିଲେ । ସେଠାରେ ଉପସ୍ଥିତ ଥିବା କୋରାପୁଟ ବ୍ଲକ ଅଧକ୍ଷା ନମିତା ମାଝି ଓ ଜିଲାପରିଷଦ ସଦସ୍ୟ ପାର୍ବତୀ ମସ୍ତିଙ୍କୁ ନିଖୋଜ ପୁଅକୁ ଆଣିବା ପାଇଁ ଗୁହାରି କରିଥିଲେ । ସୂଚନାଥାଉକି, କୋରାପୁଟ ବ୍ଲକ ମହାଦେଇପୁଟ ପଞ୍ଚାୟତ ଦଳେଇପୁଟ ଗ୍ରାମର ରମେଶ ରଥଙ୍କ ମାନସିକ ବିକାରଗ୍ରସ୍ତ ପୁଅ ଚୈତନ୍ୟ ଗତ ଫେବୃୟାରୀରେ କୋରାପୁଟରେ ଆୟୋଜିତ ପରାମର୍ଶ କର୍ମଶାଳାରେ ଯୋଗ ଦେଇଥିଲେ । ପରେ ଦକ୍ଷତା ବୃଦ୍ଧି ନିମନ୍ତେ ଜୁନ ୧୮ ତାରିଖରେ ଡିଡିଆରସି ଦଳ ସହ ଭୁବନେଶ୍ୱର ଯାଇଥିଲେ । ୨୦ରେ କେନ୍ଦ୍ରରୁ କିଛି କିଣାକିଣି କରିବାକୁ ଯାଇ ଆଉ ଫେରି ନ ଥିଲେ ଚୈତନ୍ୟ । ଏନେଇ ଜୁନ ୨୧ ତାରିଖରେ ଭୁବେନେଶ୍ୱର ଏୟାରପୋର୍ଟ ଥାନାରେ ନିଖୋଜ ନେଇ ଏତଲା ଦିଆଯାଇଥିଲା ବୋଲି ଏନସିଏସଡିସିଏର ଅଧିକାରୀ କପିଳେଶ୍ୱର ବତି ପ୍ରକାଶ କରିଥିଲେ । ଘଟଣା ସମ୍ପର୍କରେ ଉକ୍ତ ଅନୁଷ୍ଠାନ ୨୪ ତାରିଖରେ ଜିଲା ସମାଜ ସୁରକ୍ଷା ଅଧିକାରୀଙ୍କୁ ମେଲ ଜରିଆରେ ଜଣାଇଥିଲା । ତେଣୁ ପ୍ରଶାସନ ତୁରନ୍ତ ଏଦିଗରେ ପଦକ୍ଷେପ ନେବାକୁ କୋରାପୁଟ ବ୍ଲକ ଅଧକ୍ଷା ନମିତା ମାଝି ଓ ସ୍ଥାନୀୟ ଜିଲାପରିଷଦ ସଭ୍ୟା ପାର୍ବତୀ ମସ୍ତି ପ୍ରମୁଖ ଦାବି କରିଛନ୍ତି ।

■ ଯୁବକଙ୍କ ମୃତଦେହ ଉଦ୍ଧାର,ହତ୍ୟା ସନ୍ଦେହ

# କ୍ଷତିପୂରଣ ଦାବିରେ ରେଳରୋକୋ

ସେମିଳିଗୁଡା/ଦାମନଯୋଡ଼ି, ୫।୮(ସ୍ୱ.ପ୍ର)

କୋରାପୁଟ ଜିଲା ଦାମନଯୋଡିସ୍ଥିତ ନାଲକୋ ଲୋକୋ ଶେଡ୍ ନିକଟରୁ ପୋଲିସ ଜଣେ ଯୁବକଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାର କରିଛି । ସେ ହେଲେ ଦାମନଯୋଡ଼ି ନିକଟ ଲିଟିଗୁଡ଼ା ଅଞ୍ଚଳର ଅମିର କୁମାର ବେନିଆ (୨୭) । ପରେ କ୍ଷତିପୂରଣ ଦାବିରେ ସ୍ଥାନୀୟ ଗ୍ରାମବାସୀ ଉତ୍ୟକ୍ତ ହୋଇ ରବିବାର ରାତି ୩ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ରେଳରୋକୋ ଆନ୍ଦୋଳନ ଚଳାଇଥିଲେ । ଫଳରେ କୋରାପୁଟରୁ ସମଲେଶ୍ୱରୀ ଏକ୍ସପ୍ରେସ କୋରାପୁଟଠାରେ ଓ କୋରାପୁଟରୁ ବିଶାଖାପାଟଣା ଡିଏମୟୁ ଡୁମୁରିପୁଟଠାରେ କିଛି ସମୟ ଅଟକି ରହିଥିଲା । ମୃତ ଯୁବକଙ୍କ ମୁହଁ,ଅଣ୍ଟା,ଗୋଡ଼ ଆଦି ସ୍ଥାନରେ ଗଭୀର କ୍ଷତ ରହିଛି । ତେବେ ସେ ଉକ୍ତ ସ୍ଥାନକୁ କାହିଁକି ଓ କିପରି ଆସିଲେ ତାହା ସନ୍ଦେହଘେରରେ ରହିଛି । ଏହା ଏକ ହତ୍ୟାକାଣ୍ଡ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି । ସେ ନାଲକୋରେ ଠିକା ଶ୍ରମିକ ଭାବେ କାମ କରୁଥିଲେ ।

ନାଲକୋ ଲୋକୋ ଶେଡ଼ ନିକଟ ରେଳଧାରଣା ମଝିରେ ଯୁବକଙ୍କ ମୃତଦେହ ପଡ଼ିଥିବା ରେଳ ବିଭାଗ ଖବର ପାଇଥିଲା । ପରେ ଦାମନଯୋଡ଼ି ଥାନାକୁ ରାତି ୮ଟାରେ ଜଣାଇଥିଲେ । ପୋଲିସ ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିଲା । ଏହି ସମୟରେ ଯୁବକଙ୍କ ମୋବାଇଲକୁ କଲ ଆସିବାରୁ ଯୁବକ ଜଣକ ଲିଟିଗୁଡ଼ାର ବୋଲି ଜାଣିବାକୁ ପାଇଥିଲା । କିଛି ସମୟ ଭିତରେ ଯୁବକଙ୍କ ପରିବାର ଲୋକେ ଓ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ । ପରେ କ୍ଷତିପୂରଣ ଦାବିରେ ରେଳରୋକୋ କରିଥିଲେ । ଖବରପାଇ ସୁନାବେଡା ଏସଡିପିଓ ନିରଞ୍ଜନ ବେହେରା, ଦାମନଯୋଡି ଥାନା ଆଇଆଇସି ଗୌରହରି ସାହୁ, ଅତିରିକ୍ତ ତହସିଲଦାର ଲକ୍ଷ୍ମୀନାରାୟଣ ସାହୁ ଓ ପଟ୍ଟାଙ୍ଗି ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ । ମୃତକଙ୍କ ପରିବାରକୁ ରେଡକ୍ରସ ପକ୍ଷରୁ ୧୦ ହଜାର ଟଙ୍କା ପ୍ରଦାନ କରିବାକୁ ଅତିରିକ୍ତ ତହସିଲଦାର କହିଥିଲେ । ଏହାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି କହିବାରୁ ଲୋକମାନେ ଆନ୍ଦୋଳନରୁ ଓହରିଥିଲେ । ପରେ ରେଳ ଚଳାଚଳ ସ୍ୱାଭାବିକ ହୋଇଥିଲା । ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ଏସଡିପିଓ ନିରଞ୍ଜନ ବେହେରା କହିଛନ୍ତି । ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି ।



ପୋଲିସ ତଦନ୍ତ କରୁଛି ।

## ସଂକ୍ଷେପରେ

### କେନ୍ଦ୍ରୀୟ ବିଦ୍ୟାଳୟ ଉଦ୍‌ଘାଟିତ

ଗୁଣପୁର,୫।୮(ଡି.ଏନ.ଏ)- ରାୟଗଡା ଜିଲା ଗୁଣପୁରରେ ସୋମବାର କେନ୍ଦ୍ରୀୟ ବିଦ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ନାମଲେଖା ଚାଲୁ ରହିଥିବାବେଳେ ସୋମବାର ଆନୁଷ୍ଠାନିକ ଭାବେ ଶିକ୍ଷାଦାନ ଆରମ୍ଭ ହୋଇଛି। ଏହି ଅବସରରେ କେନ୍ଦ୍ରୀୟ ବିଦ୍ୟାଳୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ବିଶ୍ୱ ସ୍ତନ୍ୟପାନ ଦିବସ

ଗୁଡାରୀ, ୫।୮(ଡି.ଏନ୍.ଏ.)-ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ଗୁଡାରୀ ଉପକେନ୍ଦ୍ର ଆନୁକୂଲ୍ୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଶ୍ୱ ସ୍ତନ୍ୟପାନ ଦିବସ ପାଳିତ ହୋଇଛି। ଉପକେନ୍ଦ୍ର ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଡାକ୍ତର ବିଶ୍ୱଜିତ ବାହାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶିଶୁକୁ ମା' କ୍ଷୀର ଦେବା ଦ୍ୱାରା ଉଭୟ ମା' ଓ ଶିଶୁର କ'ଣ ଉପକାର ହୁଏ, ସେ ସମ୍ପର୍କରେ ଡାକ୍ତର ଆଲୋକପାତ କରିଥିଲେ। ଛୁଆ ଜନ୍ମ ହେବାର ଏକ ଘଣ୍ଟା ମଧ୍ୟରେ ମା'ର କଷ କ୍ଷୀର ଶିଶୁକୁ ଦେବା ସହ ୬ମାସ ପର୍ଯ୍ୟନ୍ତ କେବଳ ମା' କ୍ଷୀର ଦେବା ଉପରେ ପିଏଚ୍‌ଇଓ ରଶ୍ମିତା ମହାକୁଡ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁଡାରୀ ସିଡିପିଓ ପୁଷ୍ପା ପଟ୍ଟନାୟକ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଗାୟତ୍ରୀ ଦେବୀ ସାହୁ, ସୁପରଭାଇଜର ଭାଗ୍ୟବତୀ ନାୟକ ଏବଂ କବିତା ମଲ୍ଲିକ ମଞ୍ଚାସୀନ ଥିଲେ। ଉପସ୍ଥିତ ମା'ମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମ ସମ୍ପର୍କିତ କୁଇଜ୍ ପ୍ରତିଯୋଗିତା କରାଯାଇଥିଲା। ପ୍ରଥମ, ଦ୍ୱିତୀୟ, ତୃତୀୟ ହୋଇଥିବା ମା'ମାନଙ୍କୁ ମଞ୍ଚାସୀନ ଅତିଥିମାନେ ପୁରସ୍କୃତ କରିଥିଲେ। ଗୁଡାରୀ ଉପକେନ୍ଦ୍ରର ମହିଳା ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡି କର୍ମୀ ଏବଂ ଆଶାକର୍ମୀ ମିଳିତ ଭାବେ ଏହି କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଏଥିରେ ୫୦ରୁ ଉର୍ଦ୍ଧ୍ୱ ଏସ୍‌ଏଚ୍‌ଜି ମହିଳା, ଗର୍ଭବତୀ ଓ ପ୍ରସୂତି ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ସୁପରଭାଇଜର ମଧୁସୂଦନ ଶବର ଧନ୍ୟବାଦ ଦେଇଥିଲେ।

### କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା

ଭବାନୀପାଟଣା,୫।୮(ଡି.ଏନ.ଏ.) ଭବାନୀପାଟଣା ରେଲୱେ ଷ୍ଟେସନ ନିକଟ ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟ୍ କଲେଜର ଯୁକ୍ତ ୨ ଦ୍ୱିତୀୟ ବର୍ଷ ଛାତ୍ରୀ ହଷ୍ଟେଲ ରୁମ୍ ସିଲିଂ ଫ୍ୟାନରେ ଓଢ଼ଣି ଲଗାଇ ସୋମବାର ଆତ୍ମହତ୍ୟା କରିଛନ୍ତି। ମୃତ ଛାତ୍ରୀ ହେଲେ ରାୟଗଡା ଜିଲା ଅମ୍ବାଦୋଳା ଗ୍ରାମର ଶିବାନୀ ଦଳେଇ (୧୮)। ଶିବାନୀ କେଉଁ କାରଣରୁ ଏପରି ପଦକ୍ଷେପ ନେଲେ ତାହା ଜଣାପଡିନାହିଁ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ମଙ୍ଗଳବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି। ଶିବାନୀ ଗତ ୩୧ରେ ନିଜ ଗ୍ରାମ ଅମ୍ବାଦୋଳାକୁ ଯାଇ ୨ ତାରିଖରେ କଲେଜକୁ ଫେରିଥିଲେ। ଶାରୀରିକ ଅସୁସ୍ଥ କାରଣରୁ ସେ ଗତ କିଛି ଦିନ ହେଲା ଚିନ୍ତାରେ ଥିବା ସାଙ୍ଗମାନଙ୍କୁ କହିଥିଲେ। ଏହି ଘଟଣା ପରେ ତାଙ୍କ ପରିବାର ଲୋକଙ୍କ ସହ ସାଙ୍ଗମାନେ ଭାଙ୍ଗି ପଡିଛନ୍ତି।

■ ସହକାରୀ କୃଷି ଅଧିକାରୀ ମନମୁଖି କାର୍ଯ୍ୟ କରୁଥିବା ଅଭିଯୋଗ

# ଅଧିକାରୀଙ୍କୁ ଅଟକ ରଖିଲେ ଚାଷୀ

ଚନ୍ଦ୍ରପୁର, ୫।୮(ଡି.ଏନ୍.ଏ.)


ଡାଙ୍ଗସୋରଡ଼ାସ୍ଥିତ କୃଷି ସୂଚନା ପରାମର୍ଶ କାର୍ଯ୍ୟାଳୟ ଆଗରେ ଚାଷୀମାନେ।

■ ବିଭାଗ ପକ୍ଷରୁ ହେଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଚାଷୀଙ୍କୁ ଅବଗତ କରାଯାଉ ନ ଥିଲା

■ ଅଫିସ ଛାଡି ମୁନିଗୁଡ଼ାରେ ରହୁଥିଲେ କୃଷି ଅଧିକାରୀ

"ଡାଙ୍ଗସୋରଡ଼ାରେ ଅଧିକାଂଶ ସମୟ ଇଣ୍ଟରନେଟ ରହୁ ନ ଥିବାରୁ ମୁନିଗୁଡ଼ାରେ ରହି ଅଫିସ କାମ କରୁଥିଲି"
– ରାମଲାଲ ସାମାଡ, ଚନ୍ଦ୍ରପୁର ସହକାରୀ କୃଷି ଅଧିକାରୀ

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡ଼ାସ୍ଥିତ କୃଷି ସୂଚନା ପରାମର୍ଶ କାର୍ଯ୍ୟାଳୟରେ ସୋମବାର କୃଷି ବିଭାଗ ପକ୍ଷରୁ ପୋକ ଦମନ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଉ ଥିଲା। ଏହି ସମୟରେ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ସେଠାରେ ପହଞ୍ଚି ଏହାକୁ ବିରୋଧ କରିଥିଲେ। ଚନ୍ଦ୍ରପୁର ସହକାରୀ କୃଷି ଅଧିକାରୀଙ୍କ ମନମୁଖି କାର୍ଯ୍ୟ ଚଳିବ ନାହିଁ ବୋଲି ସେମାନେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ପରେ ସହକାରୀ କୃଷି ଅଧିକାରୀ ରାମଲାଲ ସାମାଡଙ୍କୁ କୃଷି ସୂଚନା ପରାମର୍ଶ କାର୍ଯ୍ୟାଳୟରେ ଦୁଇ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ସେମାନେ ଅଟକ ରଖିଥିଲେ। କାର୍ଯ୍ୟକ୍ରମରେ ଅତିଥି ହୋଇ ଆସିଥିବା ଅନ୍ୟ ଅଧିକାରୀ ଓ ସାମାଜିକ କର୍ମୀଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡିଥିଲା।

ପ୍ରକାଶ ଯେ, 'ଆତ୍ମା' ଅଧ୍ୟକ୍ଷ ବାମଦେବ ବଦାକୁଲୁ, ଅଗ୍ରଣୀ ଚାଷୀ ଦୟାନିଧି ପାତ୍ର, ସୁରେଶ ଶବର, ରାଧାଚରଣ ରାଉତ, ଦେବରାଜ ପାତ୍ର, ଲୋକନାଥ ଦଣ୍ଡସେନା, ମହିଳା ଚାଷୀ ବୃନ୍ଦାବତୀ ପୂଜାରୀ, ରମା ପ୍ରଧାନୀ, ରାଜେଶ୍ୱରୀ ପାତ୍ରଙ୍କ ସମେତ ଶତାଧିକ ଚାଷୀ କୃଷି ସୂଚନା ପରାମର୍ଶ କାର୍ଯ୍ୟାଳୟରେ ପହଞ୍ଚି ସେଠାରେ ଚାଲିଥିବା କାର୍ଯ୍ୟକ୍ରମକୁ ବିରୋଧ କରିଥିଲେ। ଚାଷୀମାନଙ୍କ ପ୍ରତି ଅନ୍ୟାୟ କରାଯାଉଛି। ଅଗ୍ରଣୀ ଚାଷୀମାନଙ୍କୁ କୃଷି ସମ୍ପର୍କିତ ତାଲିମ, ବିହନ ବିଶୋଧନ, ରୋଗ ପୋକ ନିୟନ୍ତ୍ରଣ ଆଦି କାର୍ଯ୍ୟକ୍ରମରେ ଡକାଯାଉ ନାହିଁ ବୋଲି ସେମାନେ ଅଭିଯୋଗ କରିଥିଲେ। ଆଜିର କାର୍ଯ୍ୟକ୍ରମ ସମ୍ପର୍କରେ କ'ଣ ପାଇଁ ଚାଷୀମାନଙ୍କୁ ଖବର ଦିଆ ଯାଇ ନ ଥିଲା ବୋଲି ସହକାରୀ କୃଷି ଅଧିକାରୀଙ୍କୁ ଚାଷୀମାନେ ପ୍ରଶ୍ନ କରିଥିଲେ। ଏହାଛଡ଼ା ଏହିସବୁ କାର୍ଯ୍ୟକ୍ରମ ସମ୍ପର୍କରେ କୃଷି ସୂଚନା ପରାମର୍ଶ କେନ୍ଦ୍ର ଅଧ୍ୟକ୍ଷ, ସଭ୍ୟା ସଭ୍ୟମାନଙ୍କୁ ଅବଗତ କରାଯାଉ ନାହିଁ ବୋଲି ସେମାନେ ଅଭିଯୋଗ କରିଥିଲେ। ସହକାରୀ କୃଷି ଅଧିକାରୀ କାର୍ଯ୍ୟାଳୟରେ ନ ରହି ମୁନିଗୁଡ଼ାରେ ରହୁଛନ୍ତି। ଫଳରେ ଅନ୍ୟ କର୍ମଚାରୀମାନେ ମଧ୍ୟ କାର୍ଯ୍ୟାଳୟରେ ଅନୁପସ୍ଥିତ ରହୁଛନ୍ତି ବୋଲି ଚାଷୀ ଦୟାନିଧି ପାତ୍ର, ସୁଧୀରରଞ୍ଜନ ପିପ୍ପଲୀ, ଜଗନ୍ନାଥ ଶବର, ଭୀମ ଶବର, ସିନ୍ଧୁ ପ୍ରଧାନୀ, ଦୟାନିଧି ସାରକା ପ୍ରମୁଖ ଅଭିଯୋଗ କରିଛନ୍ତି। ଚାଷୀଙ୍କ ପ୍ରତି ଅନ୍ୟାୟ ବରଦାସ୍ତ କରାଯିବ ନାହିଁ। ସହକାରୀ କୃଷି ଅଧିକାରୀଙ୍କ ମନମୁଖି କାର୍ଯ୍ୟ ଆଉ ଚଳିବ ନାହିଁ। ସେ ନିଜ କାର୍ଯ୍ୟାଳୟରେ ରୁହନ୍ତୁ ବୋଲି ଚାଷୀମାନେ ଦାବି କରି ରାମଲାଲ ସାମାଡ଼ଙ୍କୁ ଅଟକ ରଖିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା 'ଆତ୍ମା'ର ଡିପିଓ ସୁମନ ସିଂ ପଟ୍ଟନାୟକ, ପ୍ରଭାତ ଏନ୍‌ଜିଓ ସମ୍ପାଦକ ସୁରେଶ ଚନ୍ଦ୍ର ମିଶ୍ରଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଭବିଷ୍ୟତରେ ଆତ୍ମା ଯୋଜନାର ପଙ୍କା, ଚାଷୀମାନଙ୍କୁ କୃଷି ବିଭାଗ କାର୍ଯ୍ୟାଳୟ ପକ୍ଷରୁ କରାଯାଉଥିବା କାର୍ଯ୍ୟକ୍ରମ ସୂଚନା, 'ଆତ୍ମା' ଯୋଜନା ଅର୍ଥର ସଦ୍ ବିନିଯୋଗ ଠିକ୍ ଭାବେ କରାଯାଇ ସଭ୍ୟାସଭ୍ୟମାନଙ୍କୁ ବିବରଣୀ ପ୍ରଦାନ, ସହକାରୀ କୃଷି ଅଧିକାରୀ ଡାଙ୍ଗସୋରଡ଼ା କୃଷି କାର୍ଯ୍ୟାଳୟରେ ରହଣି ଦାବି କରାଯାଇଥିଲା। ସହକାରୀ କୃଷି ଅଧିକାରୀଙ୍କ କାର୍ଯ୍ୟକଳାପରେ ମୁଁ ଅସନ୍ତୁଷ୍ଟ, ୧୫ ଦିନ ମଧ୍ୟରେ ଅଧିକାରୀଙ୍କ ବଦଳି କରା ନ ଗଲେ କୃଷି ସୂଚନା ପରାମର୍ଶ କାର୍ଯ୍ୟାଳୟରେ ତାଲା ପଡିବ ବୋଲି 'ଆତ୍ମା' ଅଧ୍ୟକ୍ଷ କହିଛନ୍ତି। ଏ ସମସ୍ତ ବିଷୟ ନେଇ ଚନ୍ଦ୍ରପୁର ସହକାରୀ କୃଷି ଅଧିକାରୀ ରାମଲାଲ ସାମାଡ଼ଙ୍କୁ ପଚାରିବାରୁ, ଡାଙ୍ଗସୋରଡ଼ାରେ ଅଧିକାଂଶ ସମୟ ଇଣ୍ଟରନେଟ ରହୁନାହିଁ। ଏଣୁ ବାଧ୍ୟ ହୋଇ ମୁନିଗୁଡ଼ାରେ ରହି ଅଫିସ କାମ କରିବାକୁ ବାଧ୍ୟ ହେଉଛି ବୋଲି କହିଛନ୍ତି।

■ ଅଭିଯୋଗ ଶୁଣାଣିରେ ଜିଲାପାଳଙ୍କୁ ଜଣାଇଲେ ଜୁରୁଡି ଗ୍ରାମବାସୀ

# ସ୍କୁଲ ନୂତନ କୋଠା କାର୍ଯ୍ୟକାରୀ, ଶିକ୍ଷକ ନିଯୁକ୍ତି ଦାବି

ରାୟଗଡ଼ା ଅଫିସ, ୫।୮




ପ୍ରଥମରୁ ଦଶମ ଶ୍ରେଣୀ ମଧ୍ୟରେ ପାଠ ପଢୁଛନ୍ତି ୧୨୦ ପିଲା। କିନ୍ତୁ ସେମାନଙ୍କ ପାଇଁ ରହିଛନ୍ତି ମାତ୍ର ୪ ଶିକ୍ଷୟିତ୍ରୀ ଶିକ୍ଷକ। ଏହାଛଡା ସ୍କୁଲରେ ଶ୍ରେଣୀଗୃହ ଅଭାବରୁ ପିଲାଙ୍କ ପାଠ ପଢାରେ ବାଧା ସୃଷ୍ଟି ହେଉଛି। ୨୦୧୩-୧୪ ଶିକ୍ଷାବର୍ଷରେ ହାଇସ୍କୁଲ ପାଇଁ ଏକ ନୂତନ କୋଠା ସ୍ଥାପନ କରାଯାଇଥିଲା। କିନ୍ତୁ ଏହି କୋଠା କାମ ସରିବାର ୫ ବର୍ଷ ପରେ ବି ଏହା କାର୍ଯ୍ୟକାରୀ ହେଉନି ବୋଲି ରାୟଗଡ଼ା ବ୍ଲକ ବାଇସିଂ ପଞ୍ଚାୟତ ଅଧୀନ ଜୁରୁଡି ଗ୍ରାମବାସୀ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜଣାଇଛନ୍ତି। ଏହି କୋଠାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ସେମାନେ ଦାବି କରିଛନ୍ତି। ଏହାଛଡ଼ା ସ୍କୁଲରେ ନୂତନ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତି କରିବାକୁ ମଧ୍ୟ ସେମାନେ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ପ୍ରକାଶ,ଯେ ରାୟଗଡ଼ାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ଜିଲାପାଳ ପ୍ରମୋଦ କୁମାର ବେହେରା, ଏସ୍‌ପି ଶ୍ରବଣା ବିବେକ ଏମ୍, ବିଡିଓ ରାଜେନ୍ଦ୍ର ମାଝିଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସ୍କୁଲ ସମସ୍ୟା ନେଇ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଥିଲେ। ସେହିଭଳି ନୂତନ ନିର୍ମିତ କୋଠାଟି ଏବେ ଅସାମାଜିକଙ୍କ ଆଡ୍ଡାସ୍ଥଳି ପାଲଟିଛି। ତେଣୁ ନୂତନ କୋଠାକୁ କାର୍ଯ୍ୟକ୍ଷମ କରାଇବା ସହ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି କରାଯାଉ ବୋଲି ଜୁରୁଡି ଗ୍ରାମବାସୀ କହିଚନ୍ତି। ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

### ଅଭିଭାବକ, ଶିକ୍ଷକ ସମ୍ମିଳନୀ

ଅମ୍ବାଦଳା, ୫।୮(ଡି.ଏନ୍.ଏ.)– ଅମ୍ବାଦଳା ଉଚ୍ଚ ବିଦ୍ୟାଳୟରେ ସୋମବାର ଅଭିଭାବକ-ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବୃନ୍ଦାବନ ସାହୁ ମୁଖ୍ୟ ବକ୍ତାଭାବେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକଙ୍କ ମିଳିତ ସହଯୋଗରେ ସ୍କୁଲର ଉନ୍ନତି ସମ୍ଭବ ବୋଲି ସେ କହିଥିଲେ। ସ୍କୁଲରେ ରହିଥିବା ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଅଭିଭାବକମାନେ ଅଭିଯୋଗ କରିଥିଲେ। ସେଗୁଡ଼ିକର କିଭଳି ସମାଧାନ ହୋଇପାରିବ ସେ ନେଇ ପ୍ରଧାନଶିକ୍ଷକ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳନା କମିଟି ସଭାପତି କୃଷ୍ଣଚନ୍ଦ୍ର କାଡ୍ରାକାଙ୍କ ସହିତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ସହକାରୀ ଶିକ୍ଷକ ଅନନ୍ତ ବୈଷ୍ଣବ ଚରଣ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପିଇଟି ଶିକ୍ଷକ ବାସୁଦେବ ନାୟକ ଧନ୍ୟବାଦ ଦେଇଥିଲେ।

# ସ୍କୁଲରେ ଚାରା ରୋପଣ


ଚାରାରୋପଣ ଅବସରରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

ଚନ୍ଦ୍ରପୁର, ୫।୮(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ସଦର ମହକୁମାସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଡାଙ୍ଗସୋରଡ଼ା ବନାଞ୍ଚଳ ପକ୍ଷରୁ ଚାରାରୋପଣ କରାଯାଇଛି। ଡାଙ୍ଗସୋରଡ଼ା ବନପାଳ ଜୟଦେବ ନାୟକ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପିସ୍ତା ବାଦାମ, ଶଜନା, ବଉଳ, ଚମ୍ପା, ପାଟୁଳୀ, ଅମୃତଭଣ୍ଡା, ପାଥୋଡିଆ ଭଳି ଚାରା ରୋପଣ କରିଥିଲେ। ପରେ ଚାରାରୋପଣକୁ ନେଇ ସ୍କୁଲ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ଗୌରାଙ୍ଗ ଚରଣ ରାଉତ ଯୋଗ ଦେଇଥିଲେ। ଗଛ ଆଗ, ଅନ୍ୟ କାମ ପଛ ବୋଲି ସେ କହିଥିଲେ। ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଶ୍ୱ ପ୍ରସାଦ ପାତ୍ର, ସଭ୍ୟ ଲୋକନାଥ ଦଣ୍ଡସେନା, ପ୍ରଧାନ ଶିକ୍ଷୟିତ୍ରୀ ମମତା ପ୍ରଧାନ, ଡାଙ୍ଗସୋରଡ଼ା ଫାଣ୍ଡି ଅଧିକାରୀ ଧନୁର୍ଜୟ ଦଳେଇ, ବ୍ଲକ ବିଜେଡି ସଭାପତି ପ୍ରମୋଦ ସାହୁକାର, ବନରକ୍ଷୀ କପିଳଦେବ ମନହୀରା, ଘାସିରାମ ମାଝି, ସର୍ବଶିକ୍ଷା ଅଭିଯାନ କୋଅର୍ଡିନେଟର ସୁରେନ୍ଦ୍ର ସାଥୁଆ, ଶିକ୍ଷକ ପ୍ରଭାତ ସେଠୀ, ନିରଞ୍ଜନ ପ୍ରଧାନ, ମନୋରଞ୍ଜନ ବେହେରା, ହରେକୃଷ୍ଣ ବ୍ରହ୍ମା, ପ୍ରଭାକର ସେଠୀଙ୍କ ସମେତ ବିଦ୍ୟାଳୟ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ରାସ୍ତା ସଫାକଲେ ବୋଲ୍‌ବମ୍ ସଂଘ ସଦସ୍ୟ

ଦୁର୍ଗୀ, ୫।୮- ନୀଳକଣ୍ଠେଶ୍ୱର ବୋଲବମ୍ ସଂଘ ସଦସ୍ୟମାନେ ସୋମବାର ଢୁଙ୍କୁମୁ ପଞ୍ଚାୟତ ବାଲିପଦର ଗ୍ରାମସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିରରେ ଜଳାଭିଷେକ କରିଥିଲେ। ପରେ ସଂଘ ସଭାପତି ବାପି ମହାନ୍ତି, ଉପସଭାପତି ଶିଶିର ପାତ୍ର, କୋଷାଧ୍ୟକ୍ଷ ଲାଲୁ ପାଣିଗ୍ରାହୀ ତତ୍ତ୍ୱାବଧାନରେ ଲଳିତା ରାଧେକୃଷ୍ଣ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ସଫେଇ କରାଯାଇଥିଲା। ଭକ୍ତ ସୁଶାନ୍ତ ପରିଛା ଏହାର ନେତୃତ୍ୱ ନେଇଥିଲେ। ପ୍ରକାଶ ଯେ, ୨୦୦୮ରେ ଏହି ନୀଳକଣ୍ଠେଶ୍ୱର ବୋଲ୍‌ବମ୍ ସଂଘ ଗଠିତ ହୋଇଥିଲା।

ସମିତି ସଭ୍ୟ ନେଇଗଲେ କାର୍ଡ

# ୯ମାସ ହେବ ଭତ୍ତାରୁ ବଞ୍ଚିତ ଡଙ୍ଗରିଆ କନ୍ଧ

ରାୟଗଡ଼ା ଅଫିସ,୫।୮

ନିୟମଗିରି ପାହାଡରେ ରହୁଥିବା ଡଙ୍ଗରିଆମାନଙ୍କ ଜୀବିକା ନିର୍ବାହ କରିବା ପାଇଁ ସେମିତି କିଛି ସ୍ୱତନ୍ତ୍ର ଉପାୟ ନ ଥିବା ବେଳେ ବୃଦ୍ଧାବୃଦ୍ଧ, ଦିବ୍ୟାଙ୍ଗ, ବିଧବାମାନେ ସରକାରୀ ଭତ୍ତା ଉପରେ ନିର୍ଭର କରି ମାସିକ ଗୁଜରାଣ ମେଣ୍ଟାଇଥାଆନ୍ତି। କିନ୍ତୁ ସେମାନଙ୍କୁ ଏହି ଭତ୍ତା ଠିକ୍ ସମୟରେ ମିଳୁନାହିଁ ବୋଲି ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ କଲ୍ୟାଣସିଂହପୁର ବ୍ଲକ ସୁନାଖଣ୍ଡି ପଞ୍ଚାୟତ ଅଧୀନରେ ଥିବା କାଡ୍ରାକାବଣ୍ଡଲି ଓ ଟେଭାପଦର ଗ୍ରାମର ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ୨୦୧୮ ନଭେମ୍ବର ମାସରେ ସମିତି ସଭ୍ୟ ସେମାନଙ୍କ କାର୍ଡ ନେଇ ଯାଇଛନ୍ତି। ତେଣୁ ସେମାନେ ଡିସେମ୍ବରଠାରୁ ଭତ୍ତା ନ ପାଇ ଉହଲବିକଳ ହେଉଥିବା ଅଭିଯୋଗ କରିଛନ୍ତି। କାଡ୍ରାକାବଣ୍ଡଲି ଗ୍ରାମର ୪୦ ଓ ଟେଭାପଦର ଗ୍ରାମର ୧୫ଜଣ ହିତାଧିକାରୀ ୯ମାସ ହେବ ଭତ୍ତାରୁ ବଞ୍ଚିତ ରହିଛନ୍ତି। ଏ ସମ୍ପର୍କରେ ବ୍ଲକ ଓ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଇବା ପରେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ସେମାନେ କହିଛନ୍ତି। ପ୍ରତିମାସରେ ଭତ୍ତା ଦେବାକୁ ସରକାରୀ ନିୟମ ରହିଛି। କିନ୍ତୁ ଏହା ଏଠାରେ ଫେଲ୍ ମାରିଛି। ଗତ ନଭେମ୍ବର ୧୪ରେ ଡଙ୍ଗରିଆଙ୍କୁ ଏକକାଳୀନ ୬ମାସର ଭତ୍ତା ପ୍ରଦାନ କରାଯାଇଥିଲା। ଏହାପରଠାରୁ ୯ ମାସ ହେବ ସେମାନଙ୍କୁ ଭତ୍ତା ମିଳିନି। ତୁରନ୍ତ ସମସ୍ୟା ସମାଧାନ କରିବାକୁ ଦାବି ହୋଇଥିଲା। ତେବେ ପ୍ରତି ମାସରେ ଭତ୍ତା ସମସ୍ତଙ୍କୁ ପ୍ରଦାନ କରାଯାଇଥିବା ରିପୋର୍ଟ ଜିଲାସ୍ତରରେ ରହିଥିବା ବେଳେ କିଭଳି ହିତାଧିକାରୀମାନେ ପାଇନାହାନ୍ତି ତାହା ଶୁଣି ଜିଲାପାଳ ଚକିତ ହୋଇଯାଇଥିଲେ। ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ଗ୍ରହଣ କରି ସମସ୍ତ ହିତାଧିକାରୀଙ୍କୁ ଭତ୍ତା ଦେବାକୁ କଲ୍ୟାଣସିଂହପୁର ବିଡିଓଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।


ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଡଙ୍ଗରିଆ କନ୍ଧ।

# ବର୍ଷାଜଳ ସଂରକ୍ଷଣ କରି ବ୍ୟବହାର କର

ରାୟଗଡା ଅଫିସ, ୫।୮

ରାୟଗଡାସ୍ଥିତ ସିଆର୍‌ପିଏଫ ଚତୁର୍ଥ ବାଟାଲିୟନ ପକ୍ଷରୁ ସୋମବାର ଜଳଶକ୍ତି ଅଭିଯାନ ପାଳନ କରାଯାଇଛି। ଏହି ଅବସରରେ ରାୟଗଡା ମହିଳା ମହାବିଦ୍ୟାଳୟ ପରିସରରେ ଚାରାରୋପଣ କରାଯିବା ସହ ଜଳ ସଂରକ୍ଷଣର ବିଭିନ୍ନ ଦିଗ ସମ୍ପର୍କରେ ଛାତ୍ରୀଙ୍କୁ ଅବଗତ କରାଯାଇଥିଲା। ବର୍ଷାଜଳକୁ ଏକ ଗାତ ମାଧ୍ୟମରେ ସଂରକ୍ଷଣ କରାଯାଇ ପରବର୍ତ୍ତୀ ସମୟରେ ଏହାକୁ ବିଭିନ୍ନ କାର୍ଯ୍ୟରେ କିଭଳି ବିନିଯୋଗ କରାଯାଇପାରିବ, ସେ ସମ୍ପର୍କରେ ସିଆରପିଏଫ୍ ଯବାନମାନେ ଛାତ୍ରୀମାନଙ୍କୁ ଜଣାଇଥିଲେ। ଚାରାରୋପଣ ଦ୍ୱାରା କିଭଳି ଜଳ ସଂରକ୍ଷଣ ହୋଇପାରିବ ସେ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ସିଆରପିଏଫ୍ କମାଣ୍ଡାଣ୍ଟ ୱାଇ.କେ. ରାଜପୁତ, ସେକେଣ୍ଡ ଇନ କମାଣ୍ଡାଣ୍ଟ ମିଠୁ ରାୟ, ସହକାରୀ କମାଣ୍ଡାଣ୍ଟ ସୁମନ ମିଶ୍ର, ମହାବିଦ୍ୟାଳୟର ଅଧ୍ୟକ୍ଷା ରେବା ପାତ୍ର, ଲୋକ ଅଦାଲତର ସ୍ଥାୟୀ ସଦସ୍ୟ ଡଃ ଦୁଷ୍ମନ୍ତ କୁମାର ମହାନ୍ତି, ଅଧ୍ୟାପିକା ରୀତାରାଣୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ସିଆର୍‌ପିଏଫ୍ ଯବାନ ଓ ଅନ୍ୟମାନେ।

# ସଚେତନ ବାର୍ତ୍ତା ବାଣ୍ଟିଲେ ଯବାନ

ମୁନିଗୁଡ଼ା,୫।୮(ଡି.ଏନ୍.ଏ.)

ରାୟଗଡା ଜିଲା ମୁନିଗୁଡ଼ାସ୍ଥିତ ଅଷ୍ଟମ ବାଟାଲିୟନ ସିଆରପିଏଫ୍ ପକ୍ଷରୁ ଜଳ ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସିଆରପିଏଫ୍ ସେକେଣ୍ଡ କମାଣ୍ଡାଣ୍ଟ ରାମଅବତାର ବାତାଲିୟା ଓ ଡେପୁଟି କମାଣ୍ଡାଣ୍ଟ ନିଜମ ସିଂ ଦଲାଲଙ୍କ ନେତୃତ୍ୱରେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଯବାନମାନଙ୍କ ସହ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ଛାତ୍ରୀମାନେ ଜଳ ସଂରକ୍ଷଣ କିପରି କରାଯିବ ଓ ଏହାର ଉପକାରିତା ସମ୍ପର୍କରେ ବିଭିନ୍ନ ପ୍ଲାକାର୍ଡ ଧରି ସହର ପରିକ୍ରମା କରିଥିଲେ। ପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। କମାଣ୍ଡାଣ୍ଟ ଏନ୍.କେ. ସିଂ ମୁଖ୍ୟ ଅତିଥି, ରେଞ୍ଜର ଅନିଲ କୁମାର ରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏସ୍‌ଡିପିଓ ଚନ୍ଦ୍ରଶେଖର ହୋତା, ଡେପୁଟି କମାଣ୍ଡାଣ୍ଟ ଦଳବୀର ସିଂ, ଇନ୍ସପେକ୍ଟର କେ.ସି. ମଲ୍ଲିକ, ଜିଲା ପରିଷଦ ରାମଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପରେ ମୁନିଖୋଲସ୍ଥିତ ଶିବମନ୍ଦିର ପରିସରରେ ବିଭିନ୍ନ ପ୍ରକାରର ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ତେଜରାଜ ଖାନ, ପ୍ରଶାନ୍ତ କୁମାର ପ୍ରଧାନ, ଅରୂପ କୁମାର ଦାସ, ସତୀଶ ପଟ୍ଟନାୟକ ଓ ମନୋରଞ୍ଜନ ସାହୁ ପରିଚାଳନା କରିଥିଲେ।



ଯବାନମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

■ 'ଆଦର୍ଶ' ସ୍ୱେଚ୍ଛାସେବୀ ସଙ୍ଗଠନ ଗଠିତ

# ସରକାରୀ ଯୋଜନାକୁ ଲୋକାଭିମୁଖୀ କରିବ ସଙ୍ଗଠନ



ବିଇଓଙ୍କୁ ସଙ୍ଗଠନ ସଦସ୍ୟମାନେ ରିଜଲ୍ୟୁଶନ ପତ୍ର ଦେଉଛନ୍ତି।

ପଦ୍ମପୁର,୫।୮(ଡି.ଏନ୍.ଏ.)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ଅଧୀନ ରାଡୁ ଗ୍ରାମରେ ସୋମବାର 'ଆଦର୍ଶ' ନାମକ ଏକ ସ୍ୱେଚ୍ଛାସେବୀ ସଂଗଠନ ଯୁବ ଗୋଷ୍ଠୀଙ୍କୁ ନେଇ ଗଠିତ ହୋଇଯାଇଛି। ଏହି ଉପଲକ୍ଷେ ଗୋଡିଆବନ୍ଧ ପଞ୍ଚାୟତର ଯୁବକ ଓ ରାଡୁ ଗ୍ରାମର ଦଳିତ ସଂଗଠନର ସଦସ୍ୟମାନେ ଏକଜୁଟ ହୋଇଥିଲେ। ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ସହଯୋଗ କରିବା, ସମାଜରେ ଚାଲିଥିବା କୁସଂସ୍କାର, ଅନ୍ଧବିଶ୍ୱାସ, ଗୁଣିଗାରେଡି, ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦରେ ସଙ୍ଗଠନ ସହଯୋଗ କରିବ। ସେହିଭଳି ସଙ୍ଗଠନ ଶିକ୍ଷା, ସ୍ୱାସ୍ଥ୍ୟ, ଜଳ, ପରିମଳ ବ୍ୟବସ୍ଥା ଭଳି ଜନହିତକର କାର୍ଯ୍ୟ ମଧ୍ୟ କରିବ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ସରକାରଙ୍କ ବିଭିନ୍ନ ଯୋଜନାକୁ ଲୋକଲୋଚନକୁ ଆଣିବା ଉକ୍ତ ସଂଗଠନର ମୂଳ ଉଦ୍ଦେଶ୍ୟ ବୋଲି ସଂଗଠନ କର୍ମକର୍ତ୍ତା ଜଣାଇଛନ୍ତି। ପରେ ଉକ୍ତ ଯୁବଗୋଷ୍ଠୀ ଗ୍ରାମାଞ୍ଚଳ ଦଳିତ ସେବା ସଂଘ (ଆଦର୍ଶ)ର ଏକ ରିଜଲ୍ୟୁଶନ ପତ୍ରକୁ ସାମୂହିକ ଭାବେ ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପଦ୍ମପୁର ତହସିଲଦାର, ଥାନାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିଥିଲେ। ଏହି ସମୟରେ ସଂଗଠନ ସମ୍ପାଦକ ସୁଶାନ୍ତ କୁମାର ବିଡିକା, ସଭାପତି ଚିରଞ୍ଜୀବୀ ଗାଣ୍ଡା, ଉପଦେଷ୍ଟା ଭାସ୍କର ବିଡିକା, ଗୋଦାବରୀ ରାଉତ, ଅଶୋକ ଲିମାଙ୍କ ସହ ୪୫ ଜଣ ସଦସ୍ୟ ଉପସ୍ଥିତ ଥିଲେ।